# ପାରମ୍ପରିକ ସଂସ୍କୃତି ବିହାର ଓ ନାରାୟଣ ବାବୁ

• ମୁରଲୀ ନାୟକ

ସାଂସ୍କୃତିକ ସହରରେ ପରମ୍ପରାକୁ ଜାବୁଡ଼ି ଧରିଥିବା "ସଂସ୍କୃତି ବିହାର"କୁ ଇତି ମଧ୍ୟରେ ବାର୍ଦ୍ଧକ୍ୟ ଘାରିଲାଣି; ଅର୍ଥାତ୍ ପଚାଶ ବର୍ଷ ପୁରିବାକୁ ଯାଉଛି । ସେଥିପାଇଁ ତ ଏ ସୁବର୍ଣ୍ଣ ଜୟନ୍ତୀର ଆୟୋଜନ । ମୋ ଜାଣିବାରେ ଏହା ଏକ ପାରମ୍ପରିକ ନାଟ୍ୟ ସଂସ୍ଥା, ଯାହାର ମୂଳଦୁଆ ହେଲେ ନାରାୟଣ ସିଂହ, ଯିଏକି ନାଟ୍ୟ ବଜାରରେ ନାରାୟଣ ଭାଇ ଭାବରେ ପରିଚିତ । ଏଇ ସୁବର୍ଣ୍ଣ ଜୟନ୍ତୀ ଅବସରରେ କେତୋଟି ସ୍ୱର୍ଣ୍ଣିମ ସନ୍ଧ୍ୟା ଏବଂ ଆଉ କିଛି ସୁବର୍ଣ୍ଣ ମୁହୂର୍ତ୍ତର ଅବତାରଣା ନ ହେଲେ ଲେଖାଟିର ମାର୍ମିକ ତତ୍ତ୍ୱ ଆଢୁଆଳରେ ରହିଯାଇପାରେ ।

ପ୍ରଥମତଃ କେତୋଟି ସ୍ୱର୍ଣ୍ଣିମ ସନ୍ଧ୍ୟା ସମ୍ପର୍କରେ ଅବଗତ କରାଇବା ଉଚିତ ମନେକରେ । ୧୯୮୧/୮୨ର କଥା । ୧୯୭୯ରେ କଟକ ଆସିବା ପରେ ପ୍ରଥମରେ ଦଶହରା ଓ ଦ୍ୱିତୀୟରେ ବାଲିଯାତ୍ରା ଦେଖିବାକୁ ସମସ୍ତଙ୍କ ଭଳି ମୋର ମଧ୍ୟ ଆଗ୍ରହ ଥିଲା । ସେ ସମୟରେ ଦଶହରା ଦୁର୍ଗାପୂଜା ମେଢ଼ ଆକର୍ଷଣ କେବଳ ଚୌଧୁରୀ ବଜାରର ଥାଏ । କାରଣ ଗୋଟିଏ ମାତ୍ର ଚାନ୍ଦିମେଢ଼ କଟକର କାହିଁକି ଓଡ଼ିଶାରେ ଚୌଧୁରୀ ବଜାରର ।

ଦ୍ୱିତୀୟତଃ ବାଲିଯାତ୍ରା କେବଳ ଉପର ପଡ଼ିଆରେ ହେଉଥାଏ । ଷ୍ଟାଡ଼ିୟମ୍ ୧ ନମ୍ବର ଫାଟକ ସମ୍ମୁଖରେ ବଛା ବଛା କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ମେଲୋଡ଼ିର ମଜ୍ଜା ନିଆରା ଥାଏ । ନୂଆ ନୂଆ ପ୍ରଜାତନ୍ତ୍ର ଚାକିରୀ ମାତ୍ର ଦୁଇ ବର୍ଷର । ବାଲିଯାତ୍ରା ପଡ଼ିଆରେ ପଶିବା ପୂର୍ବରୁ କ୍ୟାଣ୍ଟନ୍‌ମେଣ୍ଟ୍ ଥାନା ପରେ ପରେ ଅନେକ ଲୋକ ରୁଣ୍ଡ ହୋଇଥା'ନ୍ତି ଏବଂ କିଛି ଲୋକ ଚୌକିରେ ବସିଥା'ନ୍ତି । ମେଲୋଡ଼ି ଦେଖି ଫେରିଲା ବେଳକୁ ରୁଣ୍ଡ ହୋଇଥିବା ଲୋକମାନଙ୍କ ପଛରେ ଠିଆ ହେଲି ସତ, କିନ୍ତୁ କିଛି ବୁଝି ପାରୁ ନ ଥାଏ କ'ଣ ଘଟିବ ଏଠାରେ । ଗଡ଼ଖାଇ ଆରପଟେ ଗଛ ପାଖରେ କିଛି ଆଲୋକମାଳା ରଙ୍ଗ ବେରଙ୍ଗର ଓ ମଞ୍ଚ ପାଖରେ ହାତ ଗଣତି ଲୋକ । ଅପେକ୍ଷା ମୋ ପାଇଁ କଷ୍ଟଦାୟକ ଥିଲେ ବି ଜଣେ ଦୁଇ ଜଣଙ୍କ ମୁହଁରୁ ଶୁଣିଲି, ଆଜି ଦେଖିବୁ 'କର୍ଣ୍ଣବଧ' ପୁରା ଜମିଯିବ । ମାତ୍ର ୨୦/୨୨ ମିନିଟ୍ ପରେ ଗୀତିନାଟ୍ୟ କନ୍‌ସର୍ଟ୍ ଶୁଣାଗଲା ଗଡ଼ଖାଇ ସେପଟରୁ । ମିଛ କହୁନି, ଠିଆ ହୋଇ ଥିବା ଲୋକଙ୍କର ସତେ ଯେମିତି ଶୀତ ଛାଡ଼ିଗଲା । ମଞ୍ଚ ପାଖରେ ରଥ, ଘୋଡ଼ା ଓ ଲୋକଙ୍କ ସମାଗମ ଦେଖି ଆଶ୍ଚର୍ଯ୍ୟ ହେଲି । ଅଳ୍ପ ସମୟ ପରେ ହଠାତ୍ ନାଲିବତୀ ଗାଡ଼ି ପହଞ୍ଚିଲା । କୁହାକୁହି ହେଲେ ମନ୍ତ୍ରୀ ଆସିଛନ୍ତି । ମୁଁ ମଧ୍ୟ ଜଣେ ନାଟୁଆ ପ୍ରକୃତିର ଥିବାରୁ ଶେଷ ଯାଏ ଦେଖିଲି । ପ୍ରବଳ ଥଣ୍ଡା ସତ୍ତ୍ୱେ ଲୋକଗହଳି ପୁଣି ଗୀତିନାଟ୍ୟ ପାଇଁ । ଆଶ୍ଚର୍ଯ୍ୟ ହେଲି, ପରେ ବୁଝିଲି ଏପରି ଲୋମହର୍ଷଣକାରୀ ଗୀତିନାଟ୍ୟ କେବଳ ଓଡ଼ିଶାର "ସଂସ୍କୃତି ବିହାର" ଦ୍ୱାରା ହିଁ ସମ୍ଭବ ହୋଇ ଥାଏ । ଆଉ ଏହାର ନିର୍ଦ୍ଦେଶକ ନାରାୟଣ ସିଂହଙ୍କ ଦୃଢ଼ ମନୋବଳ ଓ ନିଷ୍ଠାବାନ୍ ଯୋଗୁଁ ହିଁ ଏପରି ମନୋରଞ୍ଜନ କାର୍ଯ୍ୟକ୍ରମ ସମ୍ଭବ ହୋଇଥାଏ । ଧିରେ ଧିରେ ପ୍ରଜାତନ୍ତ୍ରରେ ହେଉଥିବା ବିଷୁବ ମିଳନର କିଛି ଦାୟିତ୍ୱ ନେବା ପରେ ବିଷୁବ ମଣ୍ଡପରେ ହିଁ ଚିହ୍ନିଲି ସେଇ ନାରାୟଣ ବାବୁ ଆଉ କେହି ନୁହଁନ୍ତି, ମୋ ପାଖରେ ଛିଡ଼ା ହୋଇଥିବା ବ୍ୟକ୍ତି ନାରାୟଣ ସିଂହ । ନମସ୍କାର କଲି ଓ କହିଲି ସେହିଦିନର ଗୀତିନାଟ୍ୟ ମୋ ମନରୁ ଏକ ଭ୍ରାନ୍ତ ଧାରଣା ଦୂର କରିଦେଇଛି । ଏକବିଂଶ ଶତାବ୍ଦୀରେ ବି ଦର୍ଶକ ଦେଖିପାରନ୍ତି ଗୀତିନାଟ୍ୟ, ଯଦି ନାରାୟଣ ସିଂହଙ୍କ ନେତୃତ୍ୱରେ ଯେପରି କରାଯାଉଛି । ଧନ୍ୟ ତୁମେ ନାରାୟଣ ବାବୁ, ଧନ୍ୟ ଆପଣଙ୍କ "ସଂସ୍କୃତି ବିହାର" । ଶ୍ରୀଜଗନ୍ନାଥ ଆପଣଙ୍କୁ ଯଶସ୍ୱୀ କରନ୍ତୁ ।

*ସଂପାଦକ, ସିନେମା ସଂସାର*